## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୩ ଗିରଫ

**କେନ୍ଦ୍ରାପଡ଼ା ଅଫିସ,୨୭।୬:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୋପଛକ ନିକଟରେ ସହରର ଭଗବାନପୁର ଗାଁର ରଞ୍ଜିତ ପତ୍ରୀଙ୍କୁ ଗତ ଗୁରୁବାର ମରଣାନ୍ତକ ଆକ୍ରମଣ ରାତିରେ ହୋଇଥିଲା। ଏହି ଘଟଣାରେ ୩ଜଣ ଗିରଫ ହୋଇଥିବା ସଦର ଥାନା ପକ୍ଷରୁ ରବିବାର ସୂଚନା ମିଳିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଦୁତିଆଳ ଗାଁର ପ୍ରୀତମ ସାହୁ ଓରଫ ଲିପୁ(୨୮), ଗୋପ ଗାଁର ଚନ୍ଦନ ପ୍ରଧାନ ଓରଫ ଟିକି (୨୨) ଓ ବଡ଼ମଙ୍ଗଳା ଗାଁର ଜଣେ ନାବାଳକ (୧୭)। ରଞ୍ଜିତ ଗତ ମଙ୍ଗଳବାର ସନ୍ଧ୍ୟାରେ ପରିବାର ସହ କାରରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ସହରର ବଡ଼ମଙ୍ଗଳା ଛକ ନିକଟରେ ଅଭିଯୁକ୍ତମାନଙ୍କ ମଧ୍ୟରେ ସାଇଡ୍‌ମରା ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ରଞ୍ଜିତ ଗୋପ ଛକରେ ରାତିରେ ବୁଲୁଥିବା ବେଳେ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ଅପହରଣ କରିବା ସହ ମରଣାନ୍ତକ ଆକ୍ରମଣ ଓ ଦୁଇ ଗୋଡ଼କୁ ଗୁଳି କରିଥିଲେ। ଏ ନେଇ ରଞ୍ଜିତଙ୍କ ବାପା ବିଜୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୩୭୮/୨୧ରେ ମାମଲା ରୁଜୁ ହୋଇଥିଲା।

### ମିଠା ଦୋକାନରୁ ଜରିମାନା ଆଦାୟ

**ନାଉଗାଁ,୨୭।୬(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଛକ ନିକଟ ମୁଗେଇଠାରେ ଏକ ମିଠା ଦୋକାନୀ ପାଖରୁ ତହସିଲ ପ୍ରଶାସନ ପକ୍ଷରୁ ଶନିବାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସମ୍ପୃକ୍ତ ଦୋକାନୀ ଶଟ୍‌ଡାଉନ୍ ବେଳେ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲା ରଖିଥିଲେ। ପୁନର୍ବାର ନିୟମ ଉଲ୍ଲଂଘନ କଲେ ଦୋକାନ ସିଲ୍ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବ୍ୟାସନଗରରେ ବିରଜା ମନ୍ଦିର ନିର୍ମାଣ ନେଇ ସର୍ବଦଳୀୟ ବୈଠକ

**ଯାଜପୁରରୋଡ,୨୭।୬(ଡି.ଏନ.ଏ.):** ବ୍ୟାସନଗର ସହରର ବିକାଶ ଏବଂ ବିରଜା ମନ୍ଦିର ନିର୍ମାଣ ନିମନ୍ତେ ରବିବାର ବ୍ୟାସ ସରୋବର ପୀଠରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ୬୦ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଏବଂ ନେତା ଯୋଗଦେଇଥିଲେ। ବ୍ୟାସନଗରରେ ନିର୍ମାଣାଧୀନ ବିରଜା ମନ୍ଦିର ସମ୍ପର୍କରେ ପ୍ରଶାସନର ପାତର ଅନ୍ତର ଏବଂ ବେଆଇନ ଭାବେ କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଘଟଣା ମୁତାବକ ରାଜ୍ୟ ତଥା ଜିଲାସାରା ସରକାରୀ ସ୍ଥାନରେ ଅନେକ ମନ୍ଦିର ନିର୍ମାଣ ହୋଇଥିଲାବେଳେ ବ୍ୟାସନଗରରେ ବିରଜା ମନ୍ଦିର ନିର୍ମାଣ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ଆଭିମୁଖ୍ୟକୁ ବିଭିନ୍ନ ଦଳର ନେତା ଏବଂ ବୁଦ୍ଧିଜୀବୀ ବିରୋଧ କରିଥିଲେ। ତୁରନ୍ତ ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ମିଳିତ ମଞ୍ଚ ଦାବି କରାଯାଇଛି। ଆବଶ୍ୟକ ପଡ଼ିଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଚାରିନଙ୍ଗଳ ଗଣ୍ଡଗୋଳ ଘଟଣା ଗଠନ ହେଲା ଶାନ୍ତି କମିଟି

**ବାଲିଚନ୍ଦ୍ରପୁର/ଚଣ୍ଡିଖୋଲ,୨୭।୬ (ଡି.ଏନ.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳରେ ଗତ ୨୪ ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିପାଇଁ ରବିବାର ଏକ ଶାନ୍ତି କମିଟି ଗଠନ କରାଯାଇଛି । ଶାନ୍ତି କମିଟି ଏହି ବିବାଦର ତଦାରଖ କରିବା ସହ ଉଭୟ ଗୋଷ୍ଠୀ ମଧ୍ୟରେ କିପରି ଭବିଷ୍ୟତରେ ଗଣ୍ଡଗୋଳ ନ ହେବ ସେଥିପାଇଁ ପଦକ୍ଷେପ ନେବ । ସୂଚନାଯୋଗ୍ୟ, ଚାରିନଙ୍ଗଳରେ ବିରୂପା ନଦୀରେ ଗାଧୋଇବା ଓ ଫଟୋ ଉଠାଇବାକୁ ନେଇ ୨ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏସମ୍ପର୍କରେ ଉଭୟ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ଗୋଟିଏ ଗୋଷ୍ଠୀର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଯାହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହା ବିରୋଧରେ ଅନ୍ୟଗୋଷ୍ଠୀର ଲୋକମାନେ ରବିବାର ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚି ଅନ୍ୟମାନଙ୍କୁ ଗିରଫ ନ କରାଗଲେ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ଯାଜପୁରରୋଡ ଏସଡିପିଓ ଚିନ୍ମୟ ନାୟକ ପ୍ରମୁଖ ଉଭୟ ପକ୍ଷର ଲୋକମାନଙ୍କୁ ଡାକି ନାନପୁର ଘାଇମୁହଁ ମଠରେ ଆଲୋଚନା କରିଥିଲେ । ବାଲିଚନ୍ଦ୍ରପୁର ଥାନା ଅଧିକାରିଣୀ ବିଜୟନୀ ମଲ୍ଲ ଙ୍କ ଆବାହକତ୍ୱରେ ଏକ ଶାନ୍ତି କମିଟି ଗଠନ କରାଯାଇଛି ।

# ଜଗତ୍‌ସିଂହପୁର ଉପକାରାଗାର ଅସୁରକ୍ଷିତ

**ଜଗତ୍‌ସିଂହପୁର ଅଫିସ, ୨୭।୬**



ଆଳିପିଙ୍ଗଳଠାରେ ଥିବା ଜଗତ୍‌ସିଂହପୁର ଉପକାରାଗାର।

- ଦକ୍ଷିଣ ପାର୍ଶ୍ୱର ଡି ୱାଲ୍ ବାଟେ ଯାଉଛି ମୋବାଇଲ, ମାଦକଦ୍ରବ୍ୟ
- ୱାଚ୍ ଟାୱାର, ଜାମର ବ୍ୟବସ୍ଥା ଜରୁରୀ

ଆଳିପିଙ୍ଗଳସ୍ଥିତ ଜଗତ୍‌ସିଂହପୁର ଉପକାରାଗାର ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। କାରାଗାର ଦକ୍ଷିଣ ପାର୍ଶ୍ୱରେ ଡି ୱାଲ୍ (ପାଚେରି) ରହିଛି। ଏହା ନିକଟରେ ସର୍ବସାଧାରଣଙ୍କ ଯାତାୟାତ ପାଇଁ ଏକ ରାସ୍ତା ଯାଇଛି। ଏହି ରାସ୍ତା ପଟେ ଅପରାଧୀଙ୍କ ସହଯୋଗୀମାନେ ଉପକାରାଗାର ଭିତରକୁ ମୋବାଇଲ, ଗଞ୍ଜେଇ, ଅଫିମ, ନିଶା ଔଷଧ ଆଦି ପ୍ୟାକେଟ୍ କରି ଫିଙ୍ଗି ଦେଉଛନ୍ତି। ଏହାଦ୍ୱାରା ଅପରାଧୀମାନେ ମୋବାଇଲ ଯୋଗେ ନିଜ ଆପରାଧିକ କାରବାର କରିବାକୁ ସମର୍ଥ ହେଉଛନ୍ତି। ଏହି ଅଞ୍ଚଳରେ ଜାମର୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଅପରାଧୀମାନଙ୍କୁ ବେଶ୍ ସୁହାଉଛି। ଏଥିସହ ଉପକାରାଗାର ପରିସରରେ ୱାଚ୍ ଟାୱାର ନ ଥିବାରୁ ସମସ୍ୟା ହେଉଛି।

ଉପକାରାଗାରଟି ୫ ଏକର ପରିମିତ ଜମିରେ ରହିଛି। ଏହା ଭିତରେ ୧୬୭ ଜଣ ପୁରୁଷ ଏବଂ ୯ ମହିଳା ଏହିପରିମୋଟ ୧୭୬ ବନ୍ଦୀ ରହିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ବର୍ତ୍ତମାନ ୧୬୧ କଏଦୀ ଏଠାରେ ଅଛନ୍ତି। ଏହି ଉପକାରାଗାରରେ ଅନେକ ଅପରାଧୀ ଥିଲେ ସୁଦ୍ଧା ସେମାନଙ୍କ କାର୍ଯ୍ୟକଳାପ ଉପରେ ସେଭଳି ଦୃଷ୍ଟି ଦିଆଯାଉନାହିଁ। ଉପକାରାଗାର ଦକ୍ଷିଣ ପାର୍ଶ୍ୱ ଡି ୱାଲ୍ ନିକଟରେ ଯାଇଥିବା ରାସ୍ତାରେ ନାଉଗାଁ ସମେତ ପାଖାପାଖି ୫୦ ଗ୍ରାମର ଲୋକେ ଯିବାଆସିବା କରୁଛନ୍ତି। ନିରୋଳା ସମୟରେ ଅପରାଧୀଙ୍କ ସହଯୋଗୀମାନେ ଏହି ପାଚେରି ପଟେ ଉପକାରାଗାର ଭିତରେ ଥିବା ବନ୍ଦୀଙ୍କୁ ବିଭିନ୍ନ ବେଆଇନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ବେଳେବେଳେ ଏହା ଜେଲ୍ ୱାର୍ଡରମାନଙ୍କ ହାତରେ ପଡୁଛି। ମାତ୍ର ଅଧିକାଂଶ ସମୟ ବନ୍ଦୀମାନଙ୍କ ହାତକୁ ଏହା ଚାଲିଯାଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ହେବା ଜରୁରୀ। ଡି ୱାଲ୍ ପାର୍ଶ୍ୱରେ ୭ ଫୁଟ ଉଚ୍ଚର ଏକ ପାଚେରି ହୋଇଥିଲେ ସୁଦ୍ଧା ଏହାର ଉଚ୍ଚତା ବୃଦ୍ଧି ହୋଇ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଏଥିସହ ଜାମର୍ ବ୍ୟବସ୍ଥା ହେଲେ ମୋବାଇଲ ଯୋଗେ କଥାବାର୍ତ୍ତା ସମ୍ଭବ ହେବନି। ସମ୍ପୂର୍ଣ୍ଣ ପରିସର ଅନୁଧ୍ୟାନ କରିବା ପାଇଁ ଅନ୍ୟୂନ ୨ଟି ୱାଚ୍ ଟାୱାରର ଆବଶ୍ୟକତା ରହିଛି। ଉପକାରାଗାର ପରିସରରେ ଲାଗିଥିବା ସିସି ଟିଭି କ୍ୟାମେରା ସଂଖ୍ୟା ଯଥେଷ୍ଟ ନୁହେଁ। ତେଣୁ ଏହି ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। କାରାଗାର ଭିତରେ ୭ ପୁରୁଷ ଏବଂ ଗୋଟିଏ ମହିଳା ୱାର୍ଡ ରହିଛି। ସେହିପରି ୪ ପୁରୁଷ ଏବଂ ଗୋଟିଏ ମହିଳା ସେଲ୍ କରାଯାଇଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଅଧିକ ବିଶୃଙ୍ଖଳିତ କଏଦୀମାନଙ୍କ ପାଇଁ ଅର୍ଥାତ୍ ୫ ଜଣିଆ ଗୋଟିଏ ସେଲ୍ ଏବଂ ଜଣିକିଆ ରହିବା ଭଳି ୫ଟି ସେଲ୍ କରାଯିବା ଆବଶ୍ୟକ। ଅନ୍ତେବାସୀଙ୍କ ଚିକିତ୍ସା ପାଇଁ ଡିସ୍ପେନ୍‌ସାରି ଥିଲେ ସୁଦ୍ଧା ଅଧିକ ସୁବିଧା ଦରକାର। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୂର୍ବତନ ଜେଲର ରବୀନ୍ଦ୍ର ନାଥ ବେହେରା ଜିଲା ପ୍ରଶାସନ ଏବଂ ବିଭାଗୀୟ ଅତିରିକ୍ତ ଡିଜିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଡିଆଇଜି ଗସ୍ତ କରି ଏସବୁ କରାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ପରିଦର୍ଶନରେ ଆସି ଅନୁଧ୍ୟାନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହାର ପ୍ରତିକାର ହୋଇପାରି ନାହିଁ। ଏସମ୍ପର୍କରେ ଜେଲର ରତିକାନ୍ତ ଶୁକ୍ଳା କହିଛନ୍ତି, ପାଚେରି ପାର୍ଶ୍ୱରେ ବେଳେବେଳେ ନିଶା ଦ୍ରବ୍ୟ ଫିଙ୍ଗା ଯାଉଛି। ବିଭିନ୍ନ ସମୟରେ ଉପକାରାଗାର କର୍ମଚାରୀମାନେ ଏହାକୁ ଜବତ କରୁଛନ୍ତି। ପାଚେରି ଆଉ କିଛି ଉଚ୍ଚ କରାଗଲେ ଏହି ସମସ୍ୟା ରହିବ ନାହିଁ। ୱାଚ୍ ଟାୱାରଓଜାମରଜରୁରୀଥିବାସେକହିଛନ୍ତି।

# କରୋନା ପାଇଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ରଘୁନାଥପୁର,୨୭।୬(ଡି.ଏନ୍.ଏ.)**

**ପଞ୍ଚାୟତ ସମିତି ବୈଠକରେ ଚିନ୍ତା ପ୍ରକଟ**

କରୋନା ମହାମାରୀ ପାଇଁ ରଘୁନାଥପୁର ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ନେଇ ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକରେ ରବିବାର ଚିନ୍ତାବ୍ୟକ୍ତ କରାଯାଇଛି। ଭର୍ଚୁଆଲରେ ହୋଇଥିବା ବୈଠକରେ ଫନୀ ପାଇଁ ଆସିଥିବା ୨ କୋଟି ୩୦ ଲକ୍ଷ ଟଙ୍କାର ଏ ପର୍ଯ୍ୟନ୍ତ ସଦୁପଯୋଗ ହୋଇ ନ ଥିବାରୁ ବିଧାୟକ ବିଜୟଶଙ୍କର ଦାସ ବିରକ୍ତ ହୋଇଥିଲେ। ଫନୀ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଓ କମ୍ୟୁନିଟି ସେଣ୍ଟରଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଏହାଛଡ଼ା ଏମ୍‌ଜିଏନଆର୍‌ଇଜିଏସ୍‌ରେ ହେବାକୁ ଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବରୁ ହୋଇଥିବା ଉନ୍ନୟନ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଲ୍ ହୋଇ ନ ଥିବାରୁ ଠିକାଦାରମାନେ କାମ କରିବାକୁ ଆଗ୍ରହୀ ହେଉନାହାନ୍ତି ବୋଲି ଅଢ଼େଇକୂଳ ସରପଞ୍ଚ ଶେଷଦେବ ସେଠୀ, ତଆଁରା ସରପଞ୍ଚ କବିତା ନାୟକ ଅଭିଯୋଗ କରିଥିଲେ। ଅନେକ କର୍ମଚାରୀ କୋଭିଡ୍‌ରେ ପୀଡ଼ିତ ଥିବା ବେଳେ ଆବଶ୍ୟକ ସଂଖ୍ୟକ ଯନ୍ତ୍ରୀ ଅଭାବରୁ କାର୍ଯ୍ୟ ଧିମେଇ ଯାଇଛି ବୋଲି ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ କହିଥିଲେ। ଏହିଅବସରରେ ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟ ଜଳ, ଶିକ୍ଷା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ବ୍ଲକ ଅଧକ୍ଷା ବଳ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଡେଜାଲୀନ ମହାପାତ୍ର ଓ ଅଶୋକ କୁମାର ମହାରଣାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସଭ୍ୟ ଉପସ୍ଥିତ ଥିଲେ। ବିଡିଓ ଜିତେନ୍ଦ୍ର କୁମାର ନାଏକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଏବିଡିଓ ଅଶୋକ କୁମାର ମହାନ୍ତି ଶେଷରେ ଧନ୍ୟବାଦ ଦେଇଥିଲେ।

# ହାଇୱା ଜବତ: ରାସ୍ତା ହଟାଇଲା ପ୍ରଶାସନ


ପ୍ରଶାସନ ପକ୍ଷରୁ ବେଆଇନ୍ ରାସ୍ତା ଖୋଳାଯାଇ ସଫା କରାଯାଉଛି।

**ନାଉଗାଁ,୨୭।୬(ସ୍ୱ.ପ୍ର.)**

**ବାଲିଘାଟ ଉପରେ ଚଢ଼ାଉ**

ନାଉଗାଁ ତହସିଲ ଅଧୀନ ଗଜରାଜପୁର ପଞ୍ଚାୟତର ବାହାଲିଆ ସାହି ଛକ ନିକଟରେ ରବିବାର ଏକ ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। କାଗଜପତ୍ର ନ ଥିବାରୁ ଚାଳକଙ୍କୁ ନାଉଗାଁ ଥାନାରେ ଅଟକ ରଖାଯାଇଛି। ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଜେ. କଳ୍ପନା କହିଛନ୍ତି।

ସେହିପରି ଗଳଦାରୀ ବାଲି ସୈରାତରୁ ବାଲି ଉଠାଣ ପାଇଁ ନିଲାମଧାରୀ ବେଆଇନ ଭାବେ ରାସ୍ତା ନିର୍ମାଣ କରିଥିଲେ। ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ଉପସ୍ଥିତିରେ ଜେସିବି ଲଗାଇ ଏହାକୁ ଖୋଳି ସଫା କରି ଦିଆଯାଇଛି।

ତହସିଲ ପକ୍ଷରୁ ୫ ଦିନ ହେବ ବିଭିନ୍ନ ବାଲିଘାଟରେ ଚଢ଼ାଉ କରାଯାଉଛି। ତହସିଲଦାରଙ୍କ ନେତୃତ୍ୱରେ ଥାନା ଅଧିକାରୀ ଭରତ କୁମାର ବେହେରା ଏଥିରେ ସହାୟତା କରୁଛନ୍ତି। ବାରମ୍ବାର ଚଢ଼ାଉ ହେଉଥିବାରୁ ଏବେ ବାଲି ମାଫିଆଙ୍କ ମଧ୍ୟରେ ଏକ ପ୍ରକାର ଛନକା ପଶିଯାଇଛି। ସୂଚନାଯୋଗ୍ୟ, ନାଉଗାଁ ତହସିଲ ଅଧୀନ ଦେବୀ ନଦୀରେ ୬ଟି ବାଲି ସୈରାତକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇଥିଲା। ସେଥିରୁ ୨ ବାଲି ସୈରାତକୁ ପୁନର୍ବାର ନିଲାମ କରାଯିବ। ଅନ୍ୟ ୪ ବାଲି ସୈରାତର ନିଲାମ ପ୍ରକ୍ରିୟା ୬ ମାସ ହେବ ଶେଷ ହୋଇଛି। ତେବେ ନିଲାମଧାରୀମାନେ ଏପର୍ଯ୍ୟନ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିବା ବେଳେ ମନଇଚ୍ଛା ବାଲି ସଇରାତ ଗୁଡ଼ିକରୁ ବାଲି ଉଠାଇ ଚାଲିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଚଢ଼ାଉ କାର୍ଯ୍ୟ ଜୋରଦାର କରାଯାଉଛି।

# ସ୍ଥାନ ପାଇବ ଓଡ଼ିଆ ଯୁବକଙ୍କ କଳାକୃତି

**ରାଜକନିକା, ୨୭।୬(ଡି.ଏନ୍.ଏ.)**

**ନ୍ୟାଶନାଲ ଡିଫେନ୍ସ ଏକାଡେମୀ**


ତ୍ରିଲୋଚନ ନିର୍ମାଣ କରୁଥିବା ଯବାନମାନଙ୍କ ବୀରତ୍ୱ କଳାକୃତି।

ଡେରାଡୁନ୍ ମଶୌରୀର ନ୍ୟାଶନାଲ ଡିଫେନ୍ସ ଏକାଡେମୀରେ ଭାରତୀୟ ଯବାନଙ୍କ ବୀରତ୍ୱର ଝଲକ ସ୍ୱରୂପ ମୂର୍ତ୍ତି ସ୍ଥାନ ପାଇବ। ଏହି ମୂର୍ତ୍ତି ନିର୍ମାଣ କରୁଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ନହୁଣି ପଞ୍ଚାୟତସ୍ଥିତ ନୂଆଗାଁରେ ତ୍ରିଲୋଚନ ବେହେରା (୩୭)। ଏ ନେଇ ଗାଁ ଓ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି। ଜଣେ ପେସାଦର କାରିଗର ଭାବେ ୧୮ବର୍ଷ ଧରି ସେ ବିଭିନ୍ନ ସ୍ଥାନରେ ମୂର୍ତ୍ତି ଗଢ଼ି ଚାଲିଛନ୍ତି।

ସୂଚନାଯୋଗ୍ୟ, ତ୍ରିଲୋଚନ କୁମ୍ଭକାର ପରିବାରରେ ଜନ୍ମ ନେଇଥିବାରୁ ପିଲାଦିନୁ ଭାଲୁକୁଣୀ ଓ କଣ୍ଢେଇ ତିଆରି କରିବାରେ ସଉକ ଥିଲା। ବାପା ବୃନ୍ଦାବନ ଓ ମାଆ ଜ୍ୟୋତି ଏହି ମୂର୍ତ୍ତି ନିର୍ମାଣରେ ସହଯୋଗର ହାତ ବଢ଼ାଇଥିଲେ। ସେ ନିକଟସ୍ଥ ସପଲାଙ୍ଗ ଶ୍ରୀରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ କଲାପରେ ଓଳାଭର କଲେଜରେ ବିଏ ପଢ଼ିଥିଲେ। ହେଲେ ସେତେବେଳେ ଓଡ଼ିଶାରେ ଘଟିଥିଲା ୧୯୯୯ ମହାବାତ୍ୟା। ଗରିବ ପରିବାର ହୋଇଥିବାରୁ ଖାଇବାକୁ ନ ପାଇ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ସେ ନିକଟସ୍ଥ ପେଗରପଡା ଗାଁର ନନ୍ଦ ମଉସାଙ୍କ ଘରେ ସିମେଣ୍ଟ କାରିଗର ଭାବେ ମୂର୍ତ୍ତି ଗଢୁଥିଲେ। ଘରର ଶୋଚନୀୟ ଅବସ୍ଥା ନିଜ ଆଖିରେ ଦେଖି ପେଟ ପୋଷିବାକୁ ସେଠାରୁ ପୁରୀ ପଳାଇଥିଲେ। ସେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ସାରିବା ପରେ ଅଠରନଳା ପାଖରେ ଥିବା ୟୁନିଭରସାଲ ଆର୍ଟ ଆଣ୍ଡ କ୍ରାଫ୍ଟରେ କିଛିଦିନ କାମ କରିଥିଲେ। ପରେ ସେ ବରହମପୁରର ଜଣେ ବନ୍ଧୁଙ୍କ ଘରେ ରହି କାମ କରୁଥିଲେ। ସେଠାରୁ ଦିଲ୍ଲୀ, ମଥୁରା, ବମ୍ବେରେ ରହି ମୂର୍ତ୍ତି ଗଢ଼ିବା କାମ ଜାରି ରଖିଥିଲେ। ତାଙ୍କ ନିପୁଣ କାମ ଦେଖି ଲୋକେ ପ୍ରଶଂସା କରୁଥିଲେ। ଏହି ଅବସରରେ ଉତ୍ତରପ୍ରଦେଶର ଜଗଦ୍‌ଗୁରୁ କ୍ରିପାଲିଜୀ ମହାରାଜଙ୍କ ଆଶ୍ରମରେ ପ୍ରାୟ ୧୫ ବର୍ଷ ଧରି ରହି ବିଭିନ୍ନ ମୂର୍ତ୍ତି ନିର୍ମାଣ କରିଥିଲେ। ତାଙ୍କ ସୁନାମ ଦିନକୁ ଦିନ ବଢ଼ିବାରେ ଲାଗିଲା। ଏହି ଅବସରରେ ଦିଲ୍ଲୀରେ ରହୁଥିବା ବେଳେ ୨୦୨୦ରେ ଜନୈକ ଠିକାଦାରଙ୍କ ପାଖରୁ ଭାରତୀୟ ମିଲିଟାରୀ ଏକାଡେମୀର ମୂର୍ତ୍ତି ନିର୍ମାଣ କରିବାର ଅର୍ଡର ପାଇଥିଲେ। ଏହି ସମୟରେ ଦେଶରେ କରୋନା ମହାମାରୀ ଯୋଗୁ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ମା'ବାପା ଭୟଭୀତ ହୋଇ ତାଙ୍କୁ ଗାଁକୁ ଫେରି ଆସିବାକୁ ପରାମର୍ଶ ଦେଇଥିଲେ। ଗାଁକୁ ଆସିବା ପରେ ବେକାର ହୋଇ ବୁଲୁଥିବା ୩୫ ଜଣ ଯୁବକଙ୍କୁ ଏକଜୁଟ କରି ଏକ ଟିମ୍ ଗଠନ କଲେ। ସେ ଟିମ୍‌ର ମୁଖ୍ୟ ହୋଇ ସେନାବାହିନୀର ଯବାନମାନଙ୍କ ବୀରତ୍ୱର ଝଲକ ମୂର୍ତ୍ତି ଗଠନ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ପ୍ରଥମେ ମାଟିରେ ଗଢ଼ି ତାହା ଉପରେ ପ୍ଲାଷ୍ଟର ପ୍ୟାରିସ୍‌ରେ ଶେଷରେ ଫାଇବରରେ କନ୍‌ଭର୍ଟ କରାଯିବ। ଏହି ୨୫ ମୂର୍ତ୍ତି ନ୍ୟାଶନାଲ ଡିଫେନ୍ସ ଏକାଡେମୀରେ ସ୍ଥାନ ପାଉଥିବାରୁ ଗ୍ରାମବାସୀ ଆନନ୍ଦିତ। ତ୍ରିଲୋଚନଙ୍କ ଏହି କାମ ଦେଖି ଗ୍ରାମବାସୀ କହିଛନ୍ତି, ସେ ଆମ ଗାଁର ନାଁ ଦେଶରେ ଟେକ ରଖିଥିବାରୁ ଆମେ ଗର୍ବ ଅନୁଭବ କରୁଛୁ।

### ମାଟ୍ରିକ୍ ପରୀକ୍ଷା: ମନୀଷ ପ୍ରଥମ, ଦେବସ୍ମିତା ଦ୍ୱିତୀୟ

**ଯାଜପୁର ଅଫିସ,୨୭।୬**

ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଯାଜପୁର ଜିଲାର ୪୪୩ ହାଇସ୍କୁଲରୁ ୨୫,୩୮୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୨ ଜଣ ଏ-୧ ଓ ୧୫୨୭ ଜଣ ଏ-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାଜପୁର ଶିକ୍ଷା ଜିଲା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲା ସ୍କୁଲର ଛାତ୍ର ମନୀଷ କୁମାର ସେନାପତି ସର୍ବାଧିକ ୫୭୭ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଯଖପୁରା ହାଇସ୍କୁଲର ଦେବସ୍ମିତା ବ୍ରହ୍ମ ୫୭୩ ନମ୍ବର ରଖି ଦ୍ୱିତୀୟ, ଯାଜପୁର ବ୍ଲକ୍ ବଡ଼ସୁଆର ଜଗବନ୍ଧୁ ହାଇସ୍କୁଲର ସୁଧାଂଶୁ ଶେଖର ସାହୁ ଓ ଜିଲା ସ୍କୁଲର ଦେବଦତ୍ତ ଦାସ ସମାନ ୫୬୫ ନମ୍ବର ରଖି ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବଡ଼ସୁଆରର ସୁଧାଂଶୁ ଚଳିତବର୍ଷ ନିଜ ମା' ଓ ବଡ଼ ଭାଇଙ୍କୁ ହରାଇ ଦୁଃଖରେ ଥିଲାବେଳେ ବାପା କ୍ଷୀରୋଦ ସାହୁ କଠିନ ପରିଶ୍ରମ କରି ତାଙ୍କୁ ପଢ଼ାଇଥିଲେ। ବଡ଼ ହେଲେ ଜଣେ ସଂସ୍କୃତ ଅଧ୍ୟାପକ ହେବେ ବୋଲି ସୁଧାଂଶୁ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ବିବାଦ

**ବରୀ,୨୭।୬(ଡି.ଏନ.ଏ.)**

**ବିଜେଡି କାର୍ଯ୍ୟକାରିଣୀ ସଦସ୍ୟଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା**

ଗତ ୨୫ ତାରିଖରେ ବରୀ ବ୍ଲକ ଅଟିରା ପଞ୍ଚାୟତର ସନ୍ଥନ ନିକଟରେ ଏକ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟିକା ସୁନନ୍ଦା ଦାସଙ୍କ ଦ୍ୱାରା ହୋଇଥିଲା । ଏହାକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରାକ୍ତନ ଜିଲାପରିଷଦ ସଭ୍ୟ କୁମାର ଜେନା ବିରୋଧ କରିଛନ୍ତି। ସେ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଫଟୋ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନିଜ ଫଟୋ ଲଗାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏଥିରେ ସେ ବରୀ ବିଧାୟିକା କ'ଣ ମୁଖ୍ୟମନ୍ତ୍ରୀଙ୍କ ଉର୍ଦ୍ଧ୍ୱରେ ବୋଲି ଲେଖିଛନ୍ତି । ବିଧାୟିକାଙ୍କ ପିସି କାରବାର ଓ ଆତ୍ମ ପ୍ରଚାର ସଂକ୍ରାନ୍ତରେ ସେ ବର୍ଣ୍ଣନା କର ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜେନା କହିଛନ୍ତି, ବରୀ ବିଧାୟିକା ଦଳୀୟ ଶୃଙ୍ଖଳା ଭଙ୍ଗ କରିଛନ୍ତି । ଏ ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବି। ବରୀ ବିଧାୟିକା ଦାସ କହିଛନ୍ତି, କୁମାର ଜେନା କୌଣସି ଦଳୀୟ ପଦପଦବୀରେ ନାହାନ୍ତି । ମୁଁ ଭିତ୍ତିପ୍ରସ୍ତର ସ୍ଥାପନ କରି କୌଣସି ତ୍ରୁଟି କରିନାହିଁ।

# ୮ ମାସ ହେବ ଉଠା ଜଳସେଚନ ପମ୍ପ ହାଉସ ଅଚଳ

**ନାଉଗାଁ,୨୭।୬(ସ୍ୱ.ପ୍ର.)**

- ସବ୍‌ଷ୍ଟେଶନର ମେଶିନ ପୋଡ଼ିଯାଇଛି
- ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ଜଳସେଚନ ପମ୍ପ ଚାଲିପାରୁନି

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତିରୁଣା ଗ୍ରାମରେ ଥିବା ଉଠା ଜଳସେଚନ ପମ୍ପ ହାଉସ ୮ ମାସ ହେବ ଅଚଳ ହୋଇଯାଇଛି। ଫଳରେ ଅଣ ଜଳସେଚିତ ଚାଷ ଜମିକୁ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। କୌଣସି କାରଣରୁ ସବ୍‌ଷ୍ଟେଶନର ମେଶିନ ପୋଡ଼ିଯାଇଥିବାରୁ ପମ୍ପ ହାଉସକୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି। ଫଳରେ ଜଳସେଚନ ପମ୍ପ ଚଳାଚଳ ହୋଇପାରୁନାହିଁ।

ମାତ୍ର ପ୍ରଶାସନ ପକ୍ଷରୁ ପମ୍ପହାଉସକୁ ବିଦ୍ୟୁତ୍ ସରବରାହ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ପରେଶ ମଲିକ, ଦୋଳ ଗୋବିନ୍ଦ ଦଳାଇ, ଚନ୍ଦ୍ରକାନ୍ତ ବେହୁରା ଓ ନିରଞ୍ଜନ ବେହୁରା ପ୍ରମୁଖ ଚାଷୀ ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପମ୍ପ ହାଉସ ନିକଟରେ ଅଧିକାଂଶ ଚାଷୀ ପନିପରିବା ଚାଷ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ପମ୍ପହାଉସ ଅଚଳ ହୋଇଯାଇଥିବାରୁ ଆବଶ୍ୟକ ସମୟରେ ଜମିକୁ ପାଣି ମିଳିପାରୁ ନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାକୁ ଅନାଇ ପରିବା ଚାଷ କରିବା ସମ୍ଭବ ନୁହେଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନେବା ପାଇଁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ଟାଟା ପାୱାର ନାଉଗାଁ ବ୍ଲକ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦୀପକ ଭୂଇଁ କହିଛନ୍ତି, ଏହି ପମ୍ପ ହାଉସ ଦାୟିତ୍ୱରେ ଥିବା ଚାଷୀମାନେ ଲିଖିତ ଅଭିଯୋଗ ଦେବାପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ମେଶିନ ବସାଇବାର ବ୍ୟବସ୍ଥା କରାଯିବ।



ଚାଷ ଜମି ନିକଟରେ ଥିବା ପମ୍ପ ହାଉସ।

# ଜଳୁଛି ପେଟ, ଅନ୍‌ଲାଇନ ପାଠକୁ ପଚାରେ କିଏ

**ମହାକାଳପଡ଼ା,୨୭।୬(ଡି.ଏନ୍.ଏ.)**


ଜଙ୍ଗଲଘେରି ଗାଁର ଜନଜାତି ପିଲା।

**ଦାରିଦ୍ର୍ୟର କରୁଣ ଚିତ୍ର**
- ଅନ୍ଧାରରେ ଜନଜାତି ପିଲାଙ୍କ ଭବିଷ୍ୟତ
- ଫେଲ୍ ମାରିବ ସରକାରଙ୍କ ଅନ୍‌ଲାଇନ ସ୍ମାର୍ଟ୍ କ୍ଲାସ୍

କରୋନା ମାଡ଼ରେ ବିଦ୍ୟାଳୟ ବନ୍ଦ ଯୋଗୁ ପିଲାମାନେ ପାଠପଢ଼ା ଭୁଲି ଗଲେଣି। ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତ ଶିକ୍ଷାକୁ ରୀତିମତ ମୁଖ୍ୟ ସ୍ରୋତକୁ ଆଣିବାକୁ ନୂଆ ଯୋଜନା ବା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ମାର୍ଟ ମୋବାଇଲ୍ ଫୋନରେ ୟୁଟ୍ୟୁବ ମାଧ୍ୟମରେ ଦଶମ ଯାଏ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯିବ। ଅନେକ ଅଞ୍ଚଳରେ ବିଦ୍ୟୁତ୍, ସର୍ଭର, ସ୍ମାର୍ଟ ଫୋନ, ପରିଚାଳନା, ଆର୍ଥିକ ଆଦି ଅନେକ ସମସ୍ୟା ଦେଖା ଦେବା ସମ୍ଭାବନା ରହିଛି। ମୋବାଇଲ ୟୁଟ୍ୟୁବ୍‌ରେ ପିଲାଙ୍କୁ ଶିକ୍ଷା ପ୍ରଦାନକୁ ନେଇ ପ୍ରଶ୍ନ ଉଠୁଛି। ତେବେ ଏହି ଶିକ୍ଷାକୁ ପିଲାମାନେ କେତେ ଗ୍ରହଣ କରୁଛନ୍ତି ଆଗାମୀ ଦିନ କହିବ। ଅନେକ ପିଲାଙ୍କ ପରିବାରରେ ସ୍ମାର୍ଟ ମୋବାଇଲ୍ ସାତସପନ। ଗରିବ ପରିବାରରେ ପିଲାମାନେ ଅର୍ଥ ଅଭାବ ଯୋଗୁ ଭୋକ ଉପାସରେ ସମୟ ଅତିବାହିତ କରୁଛନ୍ତି। ଏମାନଙ୍କ କହିବା କଥା ପେଟ ଜଳୁଥିବା ବେଳେ ଭୋକ ଚିନ୍ତା ଖାଉଛି। ପାଠ ଓ ମୋବାଇଲ୍ କଥା ପଚାରେ କିଏ। ଏ ହେଉଛି କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଗାଁ ଜଙ୍ଗଲଘେରି ଜନଜାତିମାନଙ୍କ ପରିବାର କାହାଣୀ। ଏହି ପରିବାରରେ ଚାଷ ଜମି ନାହିଁ। ଜଙ୍ଗଲ, ନଦୀ, ସମୁଦ୍ରରୁ ମାଛ କଙ୍କଡା ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ମୋବାଇଲ ଏମାନଙ୍କ ପାଇଁ ସାତସପନ। ବ୍ଲକର ପେଟଛେଲା ପଞ୍ଚାୟତର ଆଦିବାସୀ ଶବର ସମ୍ପ୍ରଦାୟ ଜଙ୍ଗଲଘେରି ଗାଁର ଚିତ୍ର। ଏ ହେଉଛି କେତେଜଣ ପାଠପଢା ପିଲାଙ୍କ ପରିବାରର କାହାଣୀ। ପିଲାମାନେ ଘରଠାରୁ ଦୂରରେ ଥିବା ସ୍କୁଲରେ ନାଁ ଲେଖାଇ ଥିଲେ। କରୋନାରେ ପାଠପଢ଼ା ଛାଡ଼ି ମାଛ, କଙ୍କଡା ସ୍ଥାନୀୟ ବଜାରରେ ବିକି ପରିବାରର ଭୋକ ମେଣ୍ଟାଇବାକୁ ପଡ଼େ। ତେଣୁ ସରକାରଙ୍କ ସ୍ମାର୍ଟ ଶିକ୍ଷା ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ। କେତେଜଣ ଏହି ଜନଜାତି ପିଲାଙ୍କୁ ଭେଟି ପଚାରିବାରୁ ସେମାନେ କୁହନ୍ତି, ଅଭାବୀ ସଂସାରରେ ପେଟକୁ ମୁଠେ ଖାଇବାକୁ ଦାନା ନାହିଁ। ଦିନେ ଖାଇଲେ ଦିନେ ଉପବାସ ରହୁଛୁ। ଟଙ୍କା କେଉଁଠୁ ଆସିବ ଯେ, ସ୍ମାର୍ଟ ମୋବାଇଲ୍ ଓ ଟିଭି ଦେଖି ପଢିବୁ। ବ୍ଲକର ସିଂପଡ଼ା, ଲୁଣିମାଠିଆ, ପନ୍ଦରମାଇଲି, ଜମ୍ବୁ, ସୁନିତି, ବାର ନମ୍ବର, ଆଖୁଗଡା, ବାଘୁଆମେଦ ଭଳି ଆଦିବାସୀ ବହୁଳ ଅଞ୍ଚଳ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖିବାକୁ ମିଳିଛି। ଯଦି ରାଜ୍ୟ ସରକାର ଏହି ଜନଜାତି ପରିବାର ପିଲାଙ୍କୁ ସ୍ମାର୍ଟ ଶିକ୍ଷା ପାଇଁ ମୋବାଇଲ୍ ପ୍ରଦାନ ଓ ତାଲିମ ଦେବାର ବ୍ୟବସ୍ଥା କରନ୍ତେ ସେମାନେ ପାଠ ପଢା ପ୍ରତି ମନ ବଳାନ୍ତେ। ନଚେତ ସରକାରଙ୍କ ଅନ୍‌ଲାଇନ ସ୍ମାର୍ଟ ଶିକ୍ଷା ଯୋଜନା ଫେଲ୍ ମାରିବ ବୋଲି ଅଞ୍ଚଳର କେତଜଣ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ ପ୍ରମୁଖ ମତ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଜୁନ, ୨୦୨୧



# ଆକ୍ରମଣକାରୀଙ୍କୁ ଗିରଫ ପାଇଁ ୨ଦିନ ସମୟ ଦିଅ

**ନୟାଗଡ଼ ଅଫିସ,୨୭।୬**

ନୟାଗଡ଼ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟର ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ରଙ୍କ ଖବରଦାତାଙ୍କୁ ମାଡ଼ମରା ଘଟଣାରେ ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଛି। ରବିବାର ପୂର୍ବାହ୍ନ ୯ଟାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ୭ ଘଣ୍ଟା ଆନ୍ଦୋଳନ ପରେ ବି ଜିଲାପାଳ ଆସି ଖବରଦାତାଙ୍କ ସହ ଆଲୋଚନା କରି ନ ଥିଲେ। ଅପରାହ୍ନ ୧ଟା ସୁଦ୍ଧା ଜିଲାପାଳ ଆନ୍ଦୋଳନ ସ୍ଥଳକୁ ଆସି ନ ଥିଲେ। ଖବରଦାତାମାନେ ଜିଲାପାଳଙ୍କୁ ଯାଇ ଭେଟିବାରୁ ଅପରାହ୍ନ ୫ଟାରେ ଜିଲାପାଳ କାର୍ଯ୍ୟାଳୟରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିଲା। ଆକ୍ରମଣକାରୀ ପାତ୍ରଙ୍କୁ ଗିରଫ କରିବାକୁ ବୈଠକରେ ଜିଲା ପ୍ରଶାସନ ସୋମବାର ଓ ମଙ୍ଗଳବାର ସମୟ ନେଇଛି। ବୁଧବାର ଜିଲାପାଳ ପୋମା ଟୁଡୁ ଏ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇବେ। ଜିଲାପାଳଙ୍କ ଏହି ଘୋଷଣା ପରେ ଖବରଦାତାମାନେ ପରବର୍ତ୍ତୀ ପଦକ୍ଷେପ ନେବେ। ତେବେ ଖବରଦାତାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ। ସୋମବାରଠାରୁ ୩ ଦିନ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଜିଲାର ସମସ୍ତ ଖବରଦାତା ପ୍ରତିବାଦ ଜାରି ରଖିବେ। ଅପରପକ୍ଷେ ଦୁଇଦିନ ଧରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ୩୦ ଜିଲାରେ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଉତ୍କଳ ସାମ୍ବାଦିକ ସଂଘ ନିଷ୍ପତ୍ତି ନେଇଛି। ଆକ୍ରମଣକାରୀ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟର ସବ୍‌ଇନ୍ସପେକ୍ଟର ପାତ୍ରଙ୍କୁ ଗିରଫ ଓ ନିଲମ୍ବନ, ଖବରଦାତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହୃତ ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ ରହିବ। ଏ ନେଇ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ନୟାଗଡ଼ରେ ଖବରଦାତାଙ୍କ ଆନ୍ଦୋଳନରେ ସାମିଲ ହୋଇ ଏହା କହିଛନ୍ତି।

ନୟାଗଡ଼ ସହରର ତ୍ରିନାଥ ଛକସ୍ଥିତ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ନ୍ୟୁଜ୍ ସେଭେନର ଟିଭି ଖବରଦାତାଙ୍କୁ ଶୁକ୍ରବାର ଅପରାହ୍ନରେ ଅବକାରୀ ସବ୍‌ଇନ୍ସପେକ୍ଟର ପାତ୍ର ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଗଣିଆ ଥାନା ଆଡକଟାର ସରକାରୀ ବିଦେଶୀ ମଦ ଦୋକାନରୁ ନକଲି ୧୨୧ ଦେଶୀ ମଦ ବୋତଲ ଜବତ ରିପୋର୍ଟ ସଂଗ୍ରହ କରିବାକୁ ଖବରଦାତା ଯାଇଥିବା ବେଳେ ଆକ୍ରମଣ ହୋଇଥିଲା।

ଜିଲାସ୍ତରୀୟ ଖବରଦାତାମାନେ ନୟାଗଡ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ପହଞ୍ଚି ଆକ୍ରମଣକାରୀ ସବ୍‌ଇନ୍ସପେକ୍ଟର ପାତ୍ରଙ୍କୁ ଗିରଫ ଦାବିରେ ଧାରଣା ଦେଇଥିଲେ। ପରେ ପୋଲିସ ଅବକାରୀ ସବ୍‌ଇନ୍ସପେକ୍ଟରଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଥାନା ସମ୍ମୁଖରେ ଖବରଦାତାମାନେ ଧାରଣା ଜାରି ରଖିଥିବା ବେଳେ ପଛ ଦ୍ୱାର ଦେଇ ପୋଲିସ ଅବକାରୀ ସବ୍‌ଇନ୍ସପେକ୍ଟରଙ୍କୁ ଛାଡି ଦେଇଥିଲା। ଏଭଳିସ୍ଥଳେ ଖବରଦାତାଙ୍କ ଆନ୍ଦୋଳନ ୩ୟ ଦିନରେ ପହଞ୍ଚି ଥିଲେ ମଧ୍ୟ ଜିଲାପାଳ ଓ ଏସ୍‌ପି କେହି ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରି ନ ଥିଲେ। ରବିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପରେ ଅପରାହ୍ନ ୫ଟାରେ ଜିଲାପାଳଙ୍କ ପକ୍ଷରୁ ବୈଠକ ଡକାଯାଇଥିଲା। ଏଥିରେ ଜିଲାପାଳ ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ୍ ରାଉତ, ଏସ୍‌ଡିପିଓ ଶୁଭେନ୍ଦୁ ସିଂ, ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତାଙ୍କର ଏକ ୧୫ଜଣିଆ ପ୍ରତିନିଧି ଦଳ ଭାଗ ନେଇଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବିକୁ ପ୍ରଶାସନ ରାଜି ହୋଇ ନ ଥିଲା। ଖବରଦାତାମାନେ ବୈଠକ ଛାଡି ପଳାଇ ଯିବାକୁ ବାହାରିବାରୁ ଜିଲାପାଳ ଆକ୍ରମଣକାରୀ ପାତ୍ରଙ୍କୁ ଗିରଫ ପାଇଁ ୨ଦିନ ସମୟ ନେଇଛନ୍ତି। ଅନ୍ୟପକ୍ଷେ ଆକ୍ରମଣକାରୀ ପାତ୍ରଙ୍କ ନିଲମ୍ବନ ସମ୍ପର୍କରେ ଜିଲାପାଳ ଟୁଡୁ କହିଛନ୍ତି, କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଖବରଦାତାଙ୍କୁ ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଛି। ଖବରଦାତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହୃତ ନେଇ ଏସ୍‌ପି ପରବର୍ତ୍ତୀ ପଦକ୍ଷେପ ନେବେ।


ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାଙ୍କ ଧାରଣା।

**ଖବରଦାତାଙ୍କୁ ଆକ୍ରମଣ ଘଟଣା**
- ୮ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ ପରେ ବୈଠକ
- ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ପ୍ରତିବାଦ
- ପ୍ରତି ଜିଲାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ସ୍ମାରକପତ୍ର


ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ।

## ସଂକ୍ଷେପରେ

### ରାସ୍ତା କଡ଼କୁ ଓଲଟି ପଡ଼ିଲା ଟ୍ରକ



**ନୂଆଗାଁ,୨୭।୬ (ଡି.ଏନ.ଏ.) :** ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ନୂଆଗାଁ ଥାନା ମହୀପୁର ଫାଣ୍ଡି ନିକଟରେ ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଛି। ଏଥିରେ କେହି ଗୁରୁତର ଆହତ ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଦଶପଲ୍ଲାରୁ ନୟାଗଡ଼ ଆସୁଥିବା ଏକ ଟ୍ରକ (ନଂ. ଓଆର୦୨ ଏକ୍ସ ୨୭୭୧) ଫାଣ୍ଡି ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡିଥିଲା। ରାତି ଅନିଦ୍ରା ହୋଇଥିବା ଗାଡ଼ିର ଡ୍ରାଇଭର ମୁରଲୀ ସ୍ୱାଇଁ (୪୦) ଦୁର୍ଘଟଣାରେ ଆହତ ହୋଇଛନ୍ତି। ଆଉ କାହାର କିଛି କ୍ଷତି ଘଟି ନ ଥିବା ଜଣାପଡିଛି। ଘଟଣାସ୍ଥଳରେ ନୂଆଗାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଟ୍ରକ ଡ୍ରାଇଭର ମୁରଲୀଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଜ୍ୟୋତିଦୀପା ଖଣ୍ଡପଡ଼ା ବ୍ଲକ ଟପ୍ପର



**ଖଣ୍ଡପଡ଼ା,୨୭।୬ (ସ୍ୱ.ପ୍ର.):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଘୋଷିତ ଫଳାଫଳ ଅନୁଯାୟୀ, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ଖଣ୍ଡପଡାର ଛାତ୍ରୀ ଜ୍ୟୋତିଦୀପା ଦାସ ସର୍ବମୋଟ ୫୬୨ ନମ୍ବର ରଖି ଖଣ୍ଡପଡ଼ା ବ୍ଲକ ଟପ୍ପର ହୋଇଥିବା ଜଣାଯାଇଛି। ଜଣେ ମେଧାବୀ ଛାତ୍ରୀ ଭାବେ ଜଣାଶୁଣା ଜ୍ୟୋତିଦୀପା ସର୍ବୋଚ୍ଚ ନମ୍ବର ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବାରୁ ଅନୁଷ୍ଠାନର କର୍ତ୍ତୃପକ୍ଷ ଖୁସି ପ୍ରକଟ କରିଛନ୍ତି।

### ୩ଦିନରେ ୧୫ ଜଣଙ୍କ ଜୀବନ ନେଲା କରୋନା

**ନୟାଗଡ ଅଫିସ,୨୭।୬:** ନୟାଗଡ ଜିଲାରେ ରବିବାରକୁ ମିଶାଇ ଦିନକୁ ୫ଜଣ ଲେଖାଏ ୩ଦିନରେ ୧୫ଜଣଙ୍କର ମହାମାରୀ କରୋନା ଜୀବନ ନେଇ ସାରିଲାଣି। ୧୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ରବିବାର ସୁଦ୍ଧା ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩, ୯୭ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୯, ଦଶପଲ୍ଲାରେ ୧୧, ଗଣିଆରେ ୭, ଖଣ୍ଡପଡାରେ ୨୫, ନୟାଗଡରେ ୨୨, ନୂଆଗାଁରେ ୫, ଓଡଗାଁରେ ୧୭, ରଣପୁର ବ୍ଲକରେ ୩୩, ନୟାଗଡ ମ୍ୟୁନିସିପାଲିଟିରେ ୩୧ଜଣ ଅଛନ୍ତି। ପ୍ରକାଶଥାଉକି କରୋନାର ପ୍ରଥମ ଓ ଦ୍ୱିତୀୟ ଲହରର ଜିଲାରୁ ୭୪ ଜୀବନ ଯାଇ ସାରିଲାଣି।

### ମାଛ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ

**ନୟାଗଡ ଅଫିସ,୨୪।୬:** ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ଖଣ୍ଡପଡା ରୋଡର ଜିଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ନିକଟରେ ମାଛ ବଜାର ରବିବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୩କୋଟି ୨୮ ଲକ୍ଷ ବ୍ୟୟରେ ୬୦ ବଖରା ଘର ହେବ। ଏହାର କାର୍ଯ୍ୟ ବର୍ଷେ ମଧ୍ୟରେ ଶେଷ ହେବ ବୋଲି କୁହାଯାଇଛି। ନୟାଗଡ ସହରର ଏହି ବଜାରରେ କେବଳ ଆମିଷ ଦ୍ରବ୍ୟ ଉପଲବ୍ଧ ହେବ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପୋମା ଟୁଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜାମରେ ୩୨୭ ଜୀବନ ନେଲାଣି କରୋନା

**ଛତ୍ରପୁର,୨୭।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନାଜନିତ ମୃତ୍ୟୁ ଥମୁନି। ଜିଲାରେ ଆଉ ୨ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ରବିବାର ସୂଚନା ଦିଆଯାଇଛି। ଏହାକୁ ମିଶାଇ କରୋନା ଦ୍ୱିତୀୟ ଲହରରେ ଜିଲାର ୭୯ ଜଣଙ୍କ ଜୀବନ ଗଲାଣି। ଅନ୍ୟପକ୍ଷରେ ପ୍ରଥମ ଓ ଦ୍ୱିତୀୟ ଲହରରେ କରୋନା ଏ ଯାବତ ୩୨୭ ଜଣଙ୍କ ଜୀବନ ନେଲାଣି। ସେପଟେ ଜିଲାରେ ପୁଣି ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୭ ଜଣ କରୋନାରୁ ଆରୋଗ୍ୟ ହୋଇଛନ୍ତି। ଜିଲାରେ ୧୫୭ ଜଣ ସକ୍ରିୟ କରୋନା ରୋଗୀ ଥିବା ସୂଚନା ଦିଆଯାଇଛି। ଶନିବାର ୨ ହଜାର ୩୨୦ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା।

# ଜିଲା ଟପ୍ପର ହେଲେ ଅଙ୍କିତା, ସମୀର

**ମାଟ୍ରିକ ପରୀକ୍ଷା ଫଳ**

**ରଣପୁର ବ୍ଲକରେ ୨୨ ଜଣ ଏ-୧ ଗ୍ରେଡ**

**ରଣପୁର, ୨୭।୬ (ସ୍ୱ.ପ୍ର.)**

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଗତ ଶୁକ୍ରବାର ପ୍ରକାଶ ପାଇଥିଲା। କରୋନା ଯୋଗୁ ପରୀକ୍ଷା ହୋଇପାରି ନ ଥିବା ବେଳେ ବିକଳ୍ପ ବ୍ୟବସ୍ଥା ଯୋଗେ ପିଲାଙ୍କୁ ମୂଲ୍ୟାୟନ କରି ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ମିଶ୍ର ଓ ଜଙ୍କିଆ ବାଙ୍କନିଧି ଦେବ ବିଦ୍ୟାପୀଠର ଛାତ୍ର ସମୀର ମାଝି ଚଳିତବର୍ଷ ପରୀକ୍ଷାରେ ୫୬୪ ନମ୍ବର ରଖି ରଣପୁର ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିବା ସହ ନୟାଗଡ଼ ଜିଲାରେ ଟପ୍ପର ହୋଇଥିବା ଜଣାପଡିଛି। ନୟାଗଡ ଜିଲାରେ ମୋଟ ୪ ଜଣ ଜିଲା ଟପ୍ପର ହୋଇଥିବା ବେଳେ ସେଥିମଧ୍ୟରୁ ରଣପୁର ବ୍ଲକର ୨ ଜଣ ଜିଲା ଟପ୍ପର ହୋଇ ପାରିଛନ୍ତି। ରଣପୁର ବ୍ଲକରେ ମୋଟ ୨୨ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ନମ୍ବର ରଖି ପାସ୍ ହୋଇଥିବା ଜଣାପଡିଛି।

**ସେମାନେ ଯାହା କୁହନ୍ତି...**

“ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚଳିତବର୍ଷ ପରୀକ୍ଷାରେ ଉତ୍ତମ ନମ୍ବର ରଖି ପାସ୍ କରିଛନ୍ତି। ପ୍ରତ୍ୟେକ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ମେଣ୍ଟରଶିପ୍ ମାଧ୍ୟମରେ ଦାୟିତ୍ୱ ନେଇ ପାଠ ପଢ଼ାଇଥିଲେ। ଜଣେ ଶିକ୍ଷକ ୧୫ ଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ନେଇଥିଲେ। ବିଦ୍ୟାଳୟରୁ ମୋଟ ୨୩୬ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପରୀକ୍ଷା ହୋଇଥିଲେ ପିଲାମାନେ ଆଉ କିଛି ଅଧିକ ନମ୍ବର ରଖି ପାରିଥା'ନ୍ତେ। ବିଦ୍ୟାଳୟର ଛାତ୍ରୀ ଅଙ୍କିତା ମିଶ୍ର ୫୬୪ ନମ୍ବର ରଖି ବ୍ଲକ ଟପ୍ପର ହୋଇ ବିଦ୍ୟାଳୟର ଗୌରବ ରଖି ପାରିଛନ୍ତି।

**-ବନଲତା ବେହେରା, ପ୍ରଧାନ ଶିକ୍ଷୟିତ୍ରୀ , ବି.ସି. ହାଇସ୍କୁଲ, ରଣପୁର**

“ମୋ ପୁଅ ବି. ଦୀପ୍ତିମୟ ତରୁଣ ପରିଶ୍ରମ ଅନୁଯାୟୀ ଫଳ ପାଇନାହିଁ। ତାକୁ ମାତ୍ର ୫୧୬ ନମ୍ବର ଦିଆଯାଇଛି। କିନ୍ତୁ ସେ ୫୬୦ରୁ ଅଧିକ ମାର୍କ ରଖିବା କଥା। ଏହା ପ୍ରଭାବରେ ତରୁଣ ଭାଙ୍ଗି ନ ପଡ଼ି ଆଉ ଥରେ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଛି। ତରୁଣ କହିଛନ୍ତି, ଏହା ଜୀବନର ପ୍ରଥମ ପରୀକ୍ଷା ହୋଇଥିଲେ ମଧ୍ୟ ଆଗକୁ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ମନରେ ଯଦି ଦୁଃଖ ଅଛି, ସରକାରଙ୍କର ଏଭଳି ପ୍ରୟାସକୁ ସ୍ୱାଗତ ମଧ୍ୟ ଜଣାଇଛନ୍ତି। କାରଣ ଜୀବନ ଆଗ, ଅନ୍ୟ ସବୁ ପଛ ବୋଲି ତରୁଣ ପ୍ରକାଶ କରିଛନ୍ତି।

**-ସୁବାସ ଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷକ, ମନ୍ଦାକିନୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ, ବିଲଗାଡିଆ**


ଅଙ୍କିତା ମିଶ୍ର


ସମୀର ମାଝି

“ମୁଁ ପାଇଥିବା ପରୀକ୍ଷାଫଳରେ ଅତ୍ୟନ୍ତ ଖୁସି ଅଛି। ମୋ ବାପା ଅଖିଳ ମିଶ୍ର, ମାଆ ଅମିୟ ଓ ପରିବାରର ସମସ୍ତେ ଖୁବ୍ ଖୁସି ଅଛନ୍ତି। ଭବିଷ୍ୟତରେ ସମାଜସେବା କରିବା ସହିତ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**ଅଙ୍କିତା ମିଶ୍ର (ଜିଲା ଟପ୍ପର) , ଛାତ୍ରୀ, ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ**

“ମୁଁ ବାଙ୍କନିଧି ଦେବ ବିଦ୍ୟାପୀଠର ସମସ୍ତ ଶିକ୍ଷକଙ୍କ ନିକଟରେ ଚିରଋଣୀ। ଶିକ୍ଷକମାନଙ୍କର ସହଯୋଗ, ମାତାପିତା ଓ ଠାକୁରଙ୍କ ଆଶୀର୍ବାଦରୁ ମୁଁ ଆଜି ଏହି ସଫଳତା ପାଇପାରିଛି। ଭବିଷ୍ୟତରେ ଆହୁରି ଅଧିକ କଠିନ ପରିଶ୍ରମ କରି ଜୀବନରେ ସଫଳତା ହାସଲ କରିବାକୁ ଚେଷ୍ଟା କରିବି।

**-ସମୀର ମାଝି, ଜିଲା ଟପ୍ପର, ବାଙ୍କନିଧି ଦେବ ବିଦ୍ୟାପୀଠ**

# ଗଳ୍ପ ପାଠ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ




**ନୟାଗଡ଼ ଅଫିସ,୨୭।୬**

ନୟାଗଡ଼ର କଳା ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ଆନୁକୂଲ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଗଳ୍ପପାଠ, ଗଳ୍ପ ଆଲୋଚନା ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ଚିତ୍ର-କବିତା ପ୍ରତିଯୋଗିତାର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଥାସ୍ତୁର ସଭାପତି ବସିରନ୍ ବିବିଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଗଳ୍ପପାଠ କାର୍ଯ୍ୟକ୍ରମରେ ହୃଷୀକେଶ ଦାଶ, ସୌଦାମିନୀ ସ୍ୱାଇଁ, ସବିତା ଶୁକ୍ଳା, ଶରତ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଗଳ୍ପପାଠ କରିଥିଲେ। କବି ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ଗଳ୍ପ ସଂକଳନ ମଣିଷ ବ୍ୟତିରେକ ପୁସ୍ତକରୁ ଏକ ଗଳ୍ପ ଛେକି ପାଠ କରିଥିଲେ ଗଣେଶ ମିଶ୍ର। ସାରସ୍ୱତ ଆସରରେ ଅତିଥି ଭାବେ ଯୋଗଦେଇ କବି, କଥାକାର ଶତ୍ରୁଜିତ ଗଳ୍ପ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ଛାତ୍ରୀଛାତ୍ର, ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟରେ ଗଳ୍ପ ଆଧାରିତ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ଚିତ୍ର ଦେଖି କବିତା ପ୍ରତିଯୋଗିତାରେ ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରଥମ, ସୃଷ୍ଟି ସୌରଭ ମିଶ୍ର ଦ୍ୱିତୀୟ, ଅନନ୍ୟା ଦାଶ ଓ ସୁନୀତା ଗୋଛାୟତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ହତ୍ୟା ଉଦ୍ୟମ ମାମଲାରେ ୩ ଗିରଫ

**ଜକର ଗ୍ରାମରେ ରାଜନୈତିକ ହିଂସା**

**ଦିଗପହଣ୍ଡି,୨୭।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ରାଜନୈତିକ ହିଂସା ବଢ଼ି ଚାଲିଛି। ଉଭୟ ଗୋଷ୍ଠୀର ଏତଲା କ୍ରମେ କେ.ନୂଆଗାଁ ପୋଲିସ ନଂ. ୧୨୯, ୧୩୦ ଏବଂ ୧୩୧/୨୧ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲାରେ ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଟୁନା ପ୍ରଧାନ, ବାରିକ ରେଡ୍ଡୀ ଏବଂ ନୟନ ପ୍ରଧାନ। ଗତ ଶୁକ୍ରବାର ରାତିରେ ଗାଁର ମା' କାଳୁଆ ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପନୀ ଉତ୍ସବରେ ପୂର୍ବ ରାଜନୈତିକ ଶତ୍ରୁତାରୁ ଦୁଇ ପ୍ରତିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ଶନିବାର ଉଭୟ ଗୋଷ୍ଠୀ ଏ ନେଇ କେ. ନୂଆଗାଁ ଥାନାରେ ପରସ୍ପରଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ପରେ ଗ୍ରାମର ଉଭୟ ଗୋଷ୍ଠୀର ମୁଖିଆମାନଙ୍କ ଉପସ୍ଥିତିରେ ମାମଲାର ସମାଧାନ ହୋଇଥିଲା। ପୁଣି ଥରେ ବିଳମ୍ବିତ ରାତିରେ ଗ୍ରାମର ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେଜଣ ଯୁବକ ଦେଓଖାଳି ଗ୍ରାମର କିଛି ଗୁଣ୍ଡାମାନଙ୍କୁ ଗାଁକୁ ଡାକି ଆଣି ଅପର ଗୋଷ୍ଠୀର ନୟନ ପ୍ରଧାନଙ୍କ ଘରରେ ପଶି ଭଙ୍ଗାରୁଜା କରିଥିଲେ। ସେ ଘରୁ ଦୋଡି ଯାଇ ପୋଲିସକୁ ଫୋନ କରିଥିଲେ। ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀର ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଗାଁରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣ ଥିବା ପୋଲିସ କହିଛି।

# ମାଧବୀ ଚେର ସହ ଗାଡ଼ି ଜବତ

**ପୋଲସରା,୨୭।୬(ଡି.ଏନ୍.ଏ.)**

ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ପୋଲସରା ବନ ବିଭାଗ କୋଦଳା ଛୁଆଁପଡ଼ା ରାସ୍ତାରୁ ରବିବାର ବେଆଇନ ଚାଲାଣ ହେଉଥିବା ୯୦୦ କେଜି ମାଧବୀ ଚେର ବୋଝେଇ ଗାଡ଼ି ଜବତ ହୋଇଛି। ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବନ ବିଭାଗ ପାଟ୍ରୋଲିଂ ସମୟରେ ଏହି ଚଢ଼ଉ ହୋଇଥିଲା। ଏହି ଚଢ଼ଉ ସମୟରେ ଭାବରଡ଼ା ସେକ୍ସନର ବନପାଳ ହର ସାହୁ, ଜୋକବନ୍ଧ ସେକ୍ସନର ବନପାଳ ରାଜେନ୍ଦ୍ର ନାୟକ, ବନ ରକ୍ଷକ ପୁଷ୍ପାଞ୍ଜଳୀ ଜେନାଙ୍କ ସମେତ ବନ ବିଭାଗର ପାରା ଷ୍ଟାଫ ସାମିଲ ଥିଲେ।


ଜବତ ଗାଡ଼ି ସହ ମାଧବୀ ଚେର।

# ପାଣି ପାଇଁ ରାସ୍ତାରେ ମହିଳାଙ୍କ ବିକ୍ଷୋଭ

- ପାନୀୟ ଜଳ ଯୋଗାଣ ବନ୍ଦ
- ୮ ଗାଁର ଲୋକେ ହନ୍ତସନ୍ତ

**ଖଣ୍ଡପଡା,୨୭।୬ (ସ୍ୱ.ପ୍ର.)**

ପୂର୍ତ୍ତ ବିଭାଗ ଓ ମେଗା ଜଳ ଯୋଗାଣ ପ୍ରକଳ୍ପ ବିଭାଗୀୟ କାର୍ଯ୍ୟନିର୍ବାହୀଙ୍କ ଅବହେଳା ସହ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯିବା ଯୋଗୁ ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତର ୮ଟି ଗାଁ ଏବେ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଫଳରେ ରବିବାର ପଞ୍ଚାୟତର ଗୋଛାବାରୀ ଗାଁର ମହିଳାମାନେ ଗରା ମାଠିଆ ଧରି ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ପରିଲକ୍ଷିତ ହୋଇଥିଲା। ପଞ୍ଚାୟତର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ସୂଚନା ଅନୁସାରେ ପୂର୍ତ୍ତ ବିଭାଗ ରାସ୍ତା କାମ ପାଇଁ ରାସ୍ତାକୁ ଖୋଳିବା ଦ୍ୱାରା ପଞ୍ଚାୟତ ପକ୍ଷରୁ ଗୋଛାବାରୀ ଗାଁକୁ ସଂଯୋଗ ହୋଇଥିବା ପାଇପ ଲାଇନଗୁଡିକ ଫାଟି ଯିବା ଯୋଗୁ ଜଳ ଯୋଗଣରେ ବାଧା ସୃଷ୍ଟି ହୋଇଥିଲା। ତେବେ ପଞ୍ଚାୟତ ପକ୍ଷରୁ ଏହାକୁ ମରାମତି କରିବା ପରେ ସରକାରଙ୍କ ଯୋଜନାକ୍ରମେ ମେଗା ଜଳଯୋଗାଣ ପ୍ରକଳ୍ପ ଯୋଜନାକ୍ରମେ ସମ୍ପୃକ୍ତ ବିଭାଗୀୟ ଠିକାଦାର ଗୋଛାବାରୀ ଗାଁକୁ ପାଇପ ଲାଇନ ବିଛାଇ ପାଣି ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ପ୍ରାୟ ୩୦ରୁ ୪୦ ପରିବାରଙ୍କ ଘରକୁ ପାଇପ ଲାଇନ ସଂଯୋଗ କରି ନ ଥିବାରୁ ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଏପରି ଅସୁବିଧାର ସମ୍ମୁଖିନ ହେଉଥିବାବେଳେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଗିରିଡିପଲ୍ଲୀଠାରେ ସ୍ଥାପିତ ୨୫ କେଭି ଟ୍ରାନ୍ସଫର୍ମରଟି ଶନିବାରଠାରୁ ପୋଡି ଯାଇଛି। ଫଳରେ କିଆଝର ପଞ୍ଚାୟତର ଗିରିଡିପଲ୍ଲୀ, ପଣସପଦର, ସାତଗୋଛିଆ, ମାଣିକ ପଲ୍ଲୀ, ଘୋଡଙ୍ଗପଲ୍ଲୀ, ଜାକେଲାପଲ୍ଲୀ, କିଆଝରପାଟଣା, ଗୋଛାବାରୀ ଗାଁର ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେବେ ନୂଆ ଟ୍ରାନ୍ସଫର୍ମର ପାଇଁ ଆଉ ୪ରୁ୫ ଦିନ ଲାଗି ପାରେ ବୋଲି ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ରମେଶ ସାହୁ ସୂଚନା ଦେଇଛନ୍ତି। ସୋମବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ କର୍ତ୍ତୃପକ୍ଷ ଗ୍ରାମକୁ ଆସି ଜନସାଧାରଣଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ଆଲୋଚନା କରିବେ ବୋଲି ସରପଞ୍ଚ ବଳିୟାରସିଂ ସୂଚନା ଦେଇଛନ୍ତି। ଏପରି ପରିସ୍ଥିତିରେ ଗାଁର ମହିଳାମାନେ ପାଣି ମୁନ୍ଦେ ପାଇଁ ଗରା ବାଲଟି ଧରି ଦୂରରେ ଥିବା ଜଳଉତ୍ସରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୨ ମାସ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ଗ୍ରାମବାସୀମାନେ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଗାଁର ମହିଳାମାନେ ରବିବାର ରାଜରାସ୍ତାକୁ ଓହ୍ଲାଇଥିବା ଜଣାପଡିଛି। ବ୍ଲକ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।


ମହିଳାମାନେ ଗରା ବାଲ୍‌ଟି ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।